# କୃଷି ସୂଚନା ସେବା (ଧାନ)
# କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

**୨୦୧୪ ମସିହା ଜୁନ୍ ମାସ ଦ୍ଵିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ସିଧା ଧାନ ବୁଣାଯାଇଥିବା ଖାଲୁଆ ଏବଂ ସ୍ୱଳ୍ପ ଖାଲୁଆ ଜମି ଯେଉଁଠାରେ କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇନାହିଁ । ସେଠାରେ Early Post Emergence ଘାସମରା ଔଷଧ ଆଜିମ୍‌ସଲଫ୍ୟୁରାନ୍ ୫୦% DF @ ୭୦ ଗ୍ରାମ କିମ୍ବା ଧାନ ବୁଣା ହେବା ଦୁଇ ସପ୍ତାହ ପରେ (୨-୩ ପତ୍ର ଘାସଗଛ)ରେ ବିସିପିରିବାକ୍ ସୋଡିୟମ୍ (Bispyribac ୧୦% SC @ ୩୦୦ ମି.ଲି. ପ୍ରତି ହେକ୍ଟର ରେ ସ୍ପ୍ରେ କରନ୍ତୁ । ଯବକ୍ଷାରଜାନ ୪୪ କି.ଗ୍ରା. ୟୁରିଆ ପ୍ରତି ହେକ୍ଟରରେ ପ୍ରୟୋଗ କରନ୍ତୁ ।

- ବର୍ଷାଶ୍ରୀତ ଅଳ୍ପଖାଲୁଆ ଜମି ପାଇଁ ସ୍ୱର୍ଣ୍ଣ, ପୂଜା, ସି.ଆର.ଧାନ ୩୦୦, ସୁମିତ୍, ପ୍ରତିକ୍ଷା, ରାଣିଧାନ, ସି.ଆର.ଧାନ ୪୦୭ ଇତ୍ୟାଦି ଏବଂ ବର୍ଷାଶ୍ରୀତ ବନ୍ୟାପ୍ଳାବିତ ଖାଲୁଆ ଜମି ପାଇଁ, ସ୍ୱର୍ଣ୍ଣସବ୍ -୧, ଗାୟତ୍ରୀ, ଚକାଆଖି ଏବଂ ରୀତା ଇତ୍ୟାଦି ଧାନ କିସମ ବ୍ୟବହାର କରନ୍ତୁ ।

- ସିଧାବୁଣା ଅଳ୍ପଖାଲୁଆ ଜମିରେ ଭଲଭାବେ ପଚିଯାଇଥିବା ଗୋବର ଖତକୁ ହେକ୍ଟର ପିଛା ୫ ଟନ୍ ହିସାବରେ ଶେଷ ପର୍ଯ୍ୟାୟ ଜମି ପ୍ରସ୍ତୁତି ସମୟରେ ପ୍ରୟୋଗ କରନ୍ତୁ । ପୂର୍ଣ୍ଣମାତ୍ରାରେ ଫସ୍ ଫରସ୍ ସାର ୧୮୮ କି.ଗ୍ରା./ ହେକ୍ଟର ଏବଂ ପଟାସ୍ ସାର(ମ୍ୟୁରେଟ୍ ଅଫ୍ ପଟାସ୍)୫୦ କି.ଗ୍ରା/ହେକ୍ଟର ପ୍ରୟୋଗ କରନ୍ତୁ ।

- ସିଧାବୁଣା ସ୍ୱଳ୍ପ ଖାଲୁଆ ଜମିରେ ଯେଉଁଠାରେ କମ ବର୍ଷା ହୁଏ ସେଠାରେ ଉତ୍ତମମାନର ଧାନ ବିହନ ପ୍ରତି ହେକ୍ଟର ପିଛା ପ୍ରାୟ ୭୫-୮୦ କି.ଗ୍ରା. ହିସାବରେ ଧାଡି ବୁଣା ଯନ୍ତ୍ର ସାହାଯ୍ୟରେ ୨୦X୧୫ ସେ.ମି. ବ୍ୟବଧାନରେ ବୁଣନ୍ତୁ ।

- ଉଚ୍ଚାଜମି ପାଇଁ ସହଭାଗୀ ଧାନ, ସତ୍ୟଭାମା, ଅନ୍ନଦା, ଖଣ୍ଡଗିରି, ଉଦୟଗିରି, ସିଦ୍ଧାନ୍ତ, ବନ୍ଦନା ଏବଂ ଅଞ୍ଜଳି ଆଦି କିସମ ଧାନ ବିହନ ଧାଡି ବୁଣା ଯନ୍ତ୍ର ସାହାଯ୍ୟରେ ୨୦X୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ ।

- ଉଚ୍ଚା ଜମିରେ ଭଲଭାବେ ପଚିଯାଇଥିବା ଗୋବର ଖତକୁ ହେକ୍ଟର ପିଛା ୨ ଟନ୍ ହିସାବରେ ଶେଷ ପର୍ଯ୍ୟାୟ ଜମି ପ୍ରସ୍ତୁତି ସମୟରେ ପ୍ରୟୋଗ କରନ୍ତୁ । ପୂର୍ଣ୍ଣମାତ୍ରାରେ ଫସ୍ ଫରସ୍ ସାର ୧୨୫ କି.ଗ୍ରା./ହେକ୍ଟର ଏବଂ ଦୁଇ ତୃତୀୟାଂଶ ପଟାସ୍ ସାର(ମ୍ୟୁରେଟ୍ ଅଫ୍ ପଟାସ୍) ୨୨ କି.ଗ୍ରା/ହେକ୍ଟର ଧାନ ବୁଣା ସମୟରେ ପ୍ରୟୋଗ କରନ୍ତୁ ।

- ଧାନ ବୁଣିବା ପୂର୍ବରୁ ପ୍ରତି ୧ କି.ଗ୍ରା. ବିହନ ପାଇଁ ଏଗ୍ରୋସାନ୍ ଜି.ଏନ୍ କିମ୍ବା ବାଭିଷ୍ଟିନ୍ ୨ ଗ୍ରାମ ବ୍ୟବହାର କରି ବିହନ ବିଶୋଧନ କରନ୍ତୁ ।

- ସାଫନର୍ ବ୍ୟବହାର ନ କଲେ ପେଣ୍ଡିମିଥାଲିନ୍ ୫୦% ଇ.ସି. ହେକ୍ଟର ପିଛା ୨ ଲିଟର କିମ୍ବା ପ୍ରେଟିଲାକ୍ଲୋର ୫୦% ଇ.ସି. ହେକ୍ଟର ପିଛା ୧.୬ ଲିଟରେ କିମ୍ବା ସାଫନର୍ ବ୍ୟବହାର କଲେ ୧.୩ ଲିଟର ପ୍ରତି ହେକ୍ଟର ବୁଣିବାର ୪-୫ ଦିନ ଭିତରେ ୫୦୦ ଲିଟର ପାଣିରେ ମିଶାଇ ଛିଞ୍ଚନ କରନ୍ତୁ ।

ରୁଆ ଧାନ :

- ଜଳସେଚିତ ମଝିଆଳି ଜମି ପାଇଁ ନବୀନ, ଲଲାଟ, ସି.ଆର.ଧାନ ୩୦୫, ସି.ଆର. ଧାନ ୩୦୪, ଏବଂ ଅଜୟ(ଶଙ୍କର କିସମ) ରାଜଲକ୍ଷ୍ମୀ(ଶଙ୍କର କିସମ) ଇତ୍ୟାଦି କିସମ ବ୍ୟବହାର କରନ୍ତୁ । ଜଳସେଚିତ କିମ୍ବା ବର୍ଷାଶ୍ରିତ ଖାଲୁଆ ଜମି ପାଇଁ ସ୍ୱର୍ଣ୍ଣ, ପୂଜା, ସି.ଆର.ଧାନ ୩୦୦, ସି.ଆର.ଧାନ ୭୦୧(ଶଙ୍କର କିସମ) ଇତ୍ୟାଦି ବ୍ୟବହାର କରନ୍ତୁ।
- ବର୍ଷା ହେବା ପରେ ପରେ ବର୍ଷାଶ୍ରୀତ ରୁଆ ଧାନ କରାଯିବା ପାଇଁ ଶୁଖିଲା ତଳିଘରା ପ୍ରସ୍ତୁତି କରନ୍ତୁ ।
- ସଠିକ୍ ମାତ୍ରାରେ ବର୍ଷାହୋଇଥିବା ଜମିରେ ପୂର୍ବରୁ ଗଜା ହୋଇଥିବା ଧାନ ବ୍ୟବହାର କରି ଆର୍ଦ୍ର ତଳିଘରା ପ୍ରସ୍ତୁତି କରନ୍ତୁ ।
- ପ୍ରାୟ ୮୦୦ ବର୍ଗମିଟର ତଳିଘରାରେ ୪୫-୫୦ କି.ଗ୍ରା ଧାନ ବିହନ ବୁଣି ଭଲଭାବେ କାଦୁଅ କରି ସମତୁଲ କରନ୍ତୁ । ଧାନ ବୁଣିବା ସମୟରେ ୧୦ କି.ଗ୍ରା. ଯବକ୍ଷାରଜାନ, ୧୦ କି.ଗ୍ରା. ଫସ୍‌ଫରସ୍ , ୧୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ ।
- ଘାସମରା ଔଷଧ ପ୍ରେଟିଲାକ୍ଲୋର୍ ୫୦ ଇ.ସି. @ ୧୩୦ ମି.ଲି. କିମ୍ବା ପାଇରାଜୋସଲଫ୍ୟୁରାନ୍ ଇଥାଇଲ୍ ୧୦% ଡି.ଏଫ୍ @ ୧୬ ଗ୍ରାମ୍ ୮୦୦ ବର୍ଗମିଟର ତଳିଘରାରେ ଘାସ ଦମନ ପାଇଁ ପ୍ରୟୋଗ କରନ୍ତୁ ।

*****